# NATIONAL NEWS BULLETIN (ODIA)

## 14th September - 2026

## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ବିଶ୍ୱ ଶକ୍ତି ବଜାର କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହ ।
- ନୂଆଦିଲ୍ଲୀରେ ଆସନ୍ତା ବୁଧବାର ସେମିକନ୍ ଇଣ୍ଡିଆ-୨୦୨୬ ପଞ୍ଚମ ସଂସ୍କରଣକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଭାରତର ଭାଷାଭିତ୍ତିକ ଭାବାବେଗ ଏବଂ ଜାତିର ସ୍ୱର ଏକ ଓ ଅଭିନ୍ନ ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନେପାଳକୁ ଦୈନିକ ୧୮ ଘଣ୍ଟା ବିଦ୍ୟୁତ୍ ରପ୍ତାନୀ କରିବ ଭାରତ ।

ଏବଂ

- ଭାରତ-ଆଫଗାନିସ୍ତାନ ପୁରୁଷବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର' ଆସନ୍ତାକାଲି ଖେଳାଯିବ ଦ୍ୱିତୀୟ ମ୍ୟାଚ୍ ।

# ବ୍ରିକ୍ସ ସମ୍ମିଟ୍

ସାମାଜିକ ଏବଂ ଆର୍ଥିକ ବିକାଶ, ଜାତୀୟ ସୁରକ୍ଷା ଏବଂ ରାଷ୍ଟ୍ର କଲ୍ୟାଣ ଦିଗରେ ଶକ୍ତିସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବୋଲି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଶକ୍ତି ବଜାର କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଭିନ୍ନ ଉତ୍ସରୁ ଶକ୍ତିପ୍ରବାହରେ ନିରନ୍ତରତା ବଜାୟ ରଖିବା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିଗୁଡ଼ିକର ସୁରକ୍ଷା ଉପରେ ସମ୍ମିଳନୀରେ ଉଲ୍ଲେଖ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ବିରଳ ଖଣିଜ ପଦାର୍ଥର ଉପଯୋଗ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସତର୍କ କରାଇଛନ୍ତି । ସ୍ଥାୟିତ୍ୱ, ନବସୃଜନ, ସହଯୋଗ ଓ ନିରନ୍ତରତା ପାଇଁ ପ୍ରସ୍ତୁତି ପ୍ରସଙ୍ଗ ଆଧାରରେ ଭାରତର ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଜନକୈନ୍ଦ୍ରିକ ବିକାଶ ଏବଂ ଦକ୍ଷିଣ ବିଶ୍ୱର ସ୍ୱାର୍ଥକୁ ସମ୍ମିଳନୀରେ ପ୍ରାଧାନ୍ୟ ଦିଆଯାଇଛି । ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଆଧାରରେ ସର୍ବସମ୍ମତିକ୍ରମେ 'ନୂଆଦିଲ୍ଲୀ ଘୋଷଣାନାମା' ପ୍ରକାଶିତ ହୋଇଥିଲା ।

# ପି.ଏମ୍. - ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାର ଦିନ ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୬ ପଞ୍ଚମ ସଂସ୍କରଣକୁ ଉଦ୍‌ଘାଟନ କରିବେ । ଏଥିରେ ୪୦ରୁ ଅଧିକ ଦେଶର ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତିକ୍ କମ୍ପାନୀ ଓ ପ୍ରତିନିଧିମଣ୍ଡଳୀ ଅଂଶଗ୍ରହଣ କରିବେ । ପ୍ରଦର୍ଶନୀରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଷ୍ଟାର୍ଟଅପ୍ ପାଭିଲିୟନ୍ ସହ ୬ଟି ଦେଶ ଓ ୧୨ଟି ରାଜ୍ୟର ପ୍ରଦର୍ଶନୀ ମଣ୍ଡପ ସ୍ଥାନିତ ହେବ । ଭାରତ ସେମିକଣ୍ଡକ୍ଟର ମିଶନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏବଂ ସେମି ଦ୍ୱାରା  ମିଳିତ ଭାବେ ଏହି ସମାବେଶର ଆୟୋଜନ କରାଯାଇଛି । ସେମିକନ୍ ଇଣ୍ଡିଆ ହେଉଛି ଦେଶର ପ୍ରମୁଖ ସେମିକଣ୍ଡକ୍ଟର ସମ୍ମିଳନୀ ଓ ପ୍ରଦର୍ଶନୀ । ଏହି ତିନିଦିନିଆ ସମାବେଶରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ଏବଂ ରଣନୈତିକ ଅଧିବେଶନ ଅନୁଷ୍ଠିତ ହେବ । ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟରତ ସ୍ୱଦେଶୀ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା, ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଓ ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବାରେ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ଏଚ୍.ଏମ୍. - ମୁମ୍ବାଇ ହିନ୍ଦୀ ଦିବସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନବୀ ମୁମ୍ବାଇରେ ହିନ୍ଦୀ ଦିବସ-୨୦୨୬ ଏବଂ ଷଷ୍ଠ ଅଖିଳ ଭାରତୀୟ ରାଜଭାଷା ସମ୍ମେଳନରେ ଯୋଗଦେଇ ଭାରତୀୟ ସଂସ୍କୃତି ଏବଂ ଭାଷା ଏକ ପଦ୍ମଫୁଲ ସଦୃଶ ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ବିଭିନ୍ନ ଭାଷା ଏବଂ ଉପଭାଷା ପଦ୍ମଫୁଲର ଗୋଟିଏ ଗୋଟିଏ ପାଖୁଡ଼ା ସଦୃଶ । ଭାରତର ଭାଷାଭିତ୍ତିକ ଭାବାବେଗ ଏବଂ ଜାତିର ସ୍ୱର ଏକ ଓ ଅଭିନ୍ନ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ଭାଷାଭିତ୍ତିକ ବିବିଧତା ସତ୍ତ୍ୱେ ଦେଶ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିପାରିଛି । ହିନ୍ଦୀ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ମଧ୍ୟରେ ସଂଯୋଗ ସେତୁ ସ୍ଥାପନ କରିପାରିଛି । ମହାରାଷ୍ଟ୍ରର ବିଭିନ୍ନ ଭାଷାଭିତ୍ତିକ ସଂସ୍କୃତିପାଇଁ ଶ୍ରୀ ଶାହା ପ୍ରଶଂସା କରିଛନ୍ତି । ସମାରୋହରେ ସ୍ୱରାଷ୍ଟ୍ରମନ୍ତ୍ରୀ' ଭାଷାକ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ୧୧ଟି ଅନୁଷ୍ଠାନକୁ ସମ୍ମାନିତ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ' ରାଜଭାଷା ବିଭାଗର ଏକ ମାସିକ ପତ୍ରିକା, ବନ୍ଦେ ମାତରମ୍‌କୈନ୍ଦ୍ରିକ ରାଜଭାଷା ଭାରତୀ ଏବଂ ୩ଟି ପୁସ୍ତକର ଉନ୍ମୋଚନ କରିଛନ୍ତି । ଇତିମଧ୍ୟରେ ଶ୍ରୀ ଶାହା' ଭାରତୀ ମଲ୍‌ଟିଲିଙ୍ଗୁଆଲ୍ ଟ୍ରାନ୍‌ସଲେସନ୍ ଆପ୍ ଏବଂ ଦେଶର ପ୍ରଥମ ତଥ୍ୟଭିତ୍ତିକ ଭାଷାକୁଞ୍ଜର ମଧ୍ୟ ଶୁଭାରମ୍ଭ କରିଛନ୍ତି । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ,

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ସୁନେତ୍ରା ପାୱାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଜିତେନ୍ଦ୍ର - ପୋଷ୍ଟ ଡିପାର୍ଟମେଣ୍ଟ

ଇଣ୍ଡିଆ ପୋଷ୍ଟକୁ ପୁନଃ ବିକାଶ କରିବା ନେଇ ସର୍ବଭାରତୀୟ ଡାକସେବା କର୍ମଚାରୀ ସଙ୍ଗଠନ ସରକାରଙ୍କୁ ପ୍ରଶଂସା କରିଛି । ଏହାକୁ ଏକ ଆଧୁନିକ ଓ ନାଗରିକକୈନ୍ଦ୍ରିକ ସେବା ନେଟ୍‌ୱାର୍କରେ ପରିବର୍ତ୍ତନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛି । ନୂଆଦିଲ୍ଲୀରେ ଆଜି କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ସହ ସାକ୍ଷାତ୍ ଆଲୋଚନା କାଳରେ ସଙ୍ଗଠନର ପ୍ରତିନିଧିମଣ୍ଡଳୀ ଏହା କହିଛି । ସଂସ୍କାରମୂଳକ ପଦକ୍ଷେପଗୁଡ଼ିକ ଇଣ୍ଡିଆ ପୋଷ୍ଟର ଭୂମିକାକୁ ଅଧିକ ବ୍ୟାପକ କରିପାରିଛି । ଆଲୋଚନାକାଳରେ ପ୍ରତିନିଧିମଣ୍ଡଳୀ ଡାକସେବା କ୍ଷେତ୍ରରେ ହୋଇଥିବା ସଂସ୍କାର, କର୍ମଚାରୀ ସଙ୍ଗଠନ, ପେନ୍‌ସନ୍‌ଭୋଗୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି । ଇଣ୍ଡିଆ ପୋଷ୍ଟରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଡାକ କର୍ମଚାରୀଙ୍କ ପରିବର୍ତ୍ତିତ ଭୂମିକାକୁ ପ୍ରତିଫଳନ କରୁଛି । ବ୍ୟାଙ୍କିଙ୍ଗ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ସେବାଗୁଡ଼ିକ ସିଧାସଳଖ ନାଗରିକଙ୍କ ପାଖରେ ପହଞ୍ଚି ପାରୁଛି ବୋଲି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି ।

# ନେପାଳ ପାୱାର ଏକ୍ସପୋର୍ଟ

ନେପାଳ ବିଦ୍ୟୁତ୍ କର୍ତ୍ତୃପକ୍ଷକୁ ଦିନକୁ ୧୮ ଘଣ୍ଟା ବିଦ୍ୟୁତ୍ ରପ୍ତାନୀ କରିବାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଶକ୍ତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ରପ୍ତାନୀ ଡିସେମ୍ବର ୩୧ ତାରଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ମୁଜାଫର୍‌ପୁର-ଧଲକେବର ଲାଇନ୍ ମାଧ୍ୟମରେ ୬୦୦ ମେଗାୱାଟ୍ ଏବଂ ତନକପୁର-ମହେନ୍ଦ୍ରନଗର ଲାଇନ୍ ମାଧ୍ୟମରେ ୫୪ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ ରପ୍ତାନୀ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି । ବନ୍ୟା ପ୍ରଭାବିତ ନେପାଳରେ କ୍ଷତିଗ୍ରସ୍ତ ଜଳବିଦ୍ୟୁତ୍ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ନେପାଳରେ ଘରୋଇ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହ୍ରାସ ପାଇଛି । ଫଳରେ ବିଦ୍ୟୁତ୍‌ର ଅତିରିକ୍ତ ଆବଶ୍ୟକତା ସୃଷ୍ଟି ହୋଇଛି । ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଏହି ପଦକ୍ଷେପ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରଣାଳୟ କହିଛି ।

# ଆର୍.ବି.ଆଇ. - ଡାଇରେକ୍‌ସନ୍‌ସ

ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକରେ ହେଉଥିବା କଥିତ ବେଆଇନ କାରବାର କ୍ଷେତ୍ରରେ ସେହି ଅର୍ଥର ବ୍ୟବହାରକୁ ଅସ୍ଥାୟୀ ଭାବେ ସ୍ଥଗିତ କରିବା ଲାଗି ବ୍ୟାଙ୍କ୍‌ଗୁଡ଼ିକ ପାଇଁ ଏକ ପରାମର୍ଶବଳୀ ପ୍ରସ୍ତୁତ କରାଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ପ୍ରସ୍ତୁତ ଏହି ଚିଠା ପରାମର୍ଶବଳୀରେ ସାଇବର ଠକେଇ ସହ ଜଡ଼ିତ ଅଭିଯୋଗରେ ୧ ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଥ କାରବାର ହୋଇଥିଲେ ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରା ନ ଯାଇ କେବଳ ସେହି ଅର୍ଥ କାରବାରକୁ ସ୍ଥଗିତ ରଖାଯାଇପାରିବ ବୋଲି ଉଲ୍ଲେଖ ରହିଛି । ଏହାର ଚିହ୍ନଟ ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ଯାଞ୍ଚ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଡ଼ିବ । ଗତ ଅଗଷ୍ଟ ୪ ତାରିଖରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏହି ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଇଛି । ଆସନ୍ତାବର୍ଷ ଏପ୍ରିଲ୍ ପହିଲାରୁ ଏହାକୁ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ତେବେ ଏହାପୂର୍ବରୁ ବ୍ୟାଙ୍କଗୁଡ଼ିକ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ବୋଲି ପରାମର୍ଶବଳୀରେ ଉଲ୍ଲେଖ କରାଯାଇଛି । ଏହାଦ୍ୱାରା ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଚଳ କରିବା ପଦ୍ଧତି ଲକ୍ଷ୍ୟଭିତ୍ତିକ ଢାଞ୍ଚାରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି । ଏହି ଚିଠା ପରାମର୍ଶବଳୀ ଉପରେ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଯାଇଛି । ଚିଠା ପରାମର୍ଶବଳୀ ଅନୁଯାୟୀ ୨୦୨୫ କେ.ୱାଇ.ସି. ନିର୍ଦ୍ଦେଶାବଳୀ ଆଧାରରେ ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା ତଥା ଅର୍ଥ କାରବାରକୁ ସ୍ଥଗିତ ରଖିବା ନେଇ ରହିଥିବା ନିୟମାବଳୀରେ କେତେକ ସଂଶୋଧନ ପ୍ରସ୍ତାବ ରହିଛି । ଅନ୍ୟପକ୍ଷରେ ସନ୍ଦିଗ୍ଧ

କାରବାର କ୍ଷେତ୍ରରେ ଆକାଉଣ୍ଟଧାରୀ ୨୦ ଦିନ ମଧ୍ୟରେ ଜମାରାଶିର ବୈଧତା ନେଇ ପ୍ରମାଣ ଦାଖଲ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହାପରେ ୧୦ ଦିନ ମଧ୍ୟରେ ବ୍ୟାଙ୍କ୍ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରିବ । ଆକାଉଣ୍ଟଧାରୀ ବୈଧତା ପ୍ରମାଣ ଦାଖଲ କରିବାରେ ବିଫଳ ହେଲେ ବ୍ୟାଙ୍କ୍ ଏହି ମାମଲାକୁ ସମ୍ପୃକ୍ତ ପୁଲିସ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିପାରିବେ ବୋଲି ପରାମର୍ଶବଳୀରେ ଉଲ୍ଲେଖ କରାଯାଇଛି ।

## ଏନ୍.ଏଚ୍.ଏ.ଆଇ. - ହେଲ୍‌ପଲାଇନ୍

ଜାତୀୟ ରାଜପଥ ପ୍ରାଧିକରଣ-ଏନ୍.ଏଚ୍.ଏ.ଆଇ. କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ମାଧ୍ୟମରେ କାର୍ଯ୍ୟକ୍ଷମ ଥିବା ୧୦୩୩ ହେଲ୍‌ପଲାଇନ ନମ୍ବରର ବ୍ୟବହାରକୁ ଅଧିକ ବିକଶିତ କରିଛି । ନାଗରିକଙ୍କୁ ତ୍ୱରିତ ତଥା ଗୁଣବତ୍ତାସମ୍ପନ୍ନ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ହେଲ୍‌ପଲାଇନ୍ ମାଧ୍ୟମରେ ଏଣିକି ଫୋନ୍ କରୁଥିବା ବ୍ୟକ୍ତିବିଶେଷଙ୍କର ସଠିକ୍ ସ୍ଥାନ, ବ୍ୟବହାର କରୁଥିବା ଭାଷାକୁ ଆଧାର କରି ଉପଯୁକ୍ତ ସମୟରେ ତ୍ୱରିତ ସେବା ଯୋଗାଇ ଦିଆଯାଇପାରିବ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ମାନବଦ୍ୱାରା ପରିଚାଳିତ ଏହି ଜରୁରୀକାଳୀନ ସେବା

ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ୨୪ ଘଣ୍ଟିଆ ୧୦୩୩ ହେଲ୍‌ପଲାଇନ୍ ନମ୍ବର ୨୦୧୮ ମସିହାରୁ ପ୍ରଚଳନ କରାଯାଇଛି । ଏହା ମାଧ୍ୟମରେ ଜାତୀୟ ରାଜପଥରେ ଯାତାୟତ କରୁଥିବା ପ୍ରତ୍ୟେକ ଯାତ୍ରୀବାହୀ ତଥା ଜରୁରୀ ସେବା ପ୍ରଦାନକାରୀ ଯାନବାହନଗୁଡ଼ିକର ସମସ୍ତ ସମସ୍ୟାର ସମାଧାନ ହୋଇପାରିବ । ଦେଶର ୧ ଲକ୍ଷ ୪୬ ହଜାର କିଲୋମିଟରରୁ ଅଧିକ ଜାତୀୟ ରାଜପଥ ଏହି ହେଲ୍‌ପଲାଇନ୍ ପରିସରଭୁକ୍ତ ହେବା ସହ ବିଭିନ୍ନ ଭାଷାରେ ସେବା ଯୋଗାଇ ଆସୁଛି ।

## ମେନ୍‌ସ କ୍ରିକେଟ୍

ଭାରତ ଓ ଆଫଗାନିସ୍ତାନ ପୁରୁଷ ବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲିର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଆସନ୍ତା ଗୁରୁବାର ଦିନ ସେହି ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

*****